# NATIONAL NEWS BULLETIN (ODIA)
## 22 September - 2026
## Evening Bulletin : 7.15 P.M.

*********************************

## ମୁଖ୍ୟ ସମ୍ବାଦ

- ଦେଶର ସାଂସ୍କୃତିକ ଐତିହ୍ୟକୁ ସଶକ୍ତ କରିବା ଦିଗରେ ଭାରତୀୟ ସିନେମାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କହିଲେ ରାଷ୍ଟ୍ରପତି ।

– ୨୦୨୪ ପାଇଁ ଦାଦା ସାହେବ ଫାଲ୍‌କେ ପୁରସ୍କାରରେ ସମ୍ମାନୀତ ହେଲେ ବିଶିଷ୍ଟ ଅଭିନେତା ଅନନ୍ତ ନାଗ ।

- ଦେଶରେ ଜଳର ନିରନ୍ତର ସୁରକ୍ଷା ଲାଗି ଜନ ଭାଗିଦାରି ଉପରେ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱାରୋପ ।

- ଏସୀୟ କ୍ରୀଡ଼ା ପ୍ରତିଯୋଗିତାରେ ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବାରୁ ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ ।

ଏବଂ

- ଜାପାନ୍ ବିପକ୍ଷରେ ଏକମାତ୍ର ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ଭାରତ ୨ ରନ୍‌ରେ ବିଜୟୀ ।

# ପ୍ରେଜ୍‌-ନ୍ୟାସନାଲ୍‌ ଫିଲ୍ମ ଆୱାର୍ଡ୍‌

ଦେଶର ସାଂସ୍କୃତିକ ଐତିହ୍ୟକୁ ସଶକ୍ତ କରିବା ଦିଗରେ ଭାରତୀୟ ସିନେମାର ଭୂମିକା ଉପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁତ୍ୱାରୋପ କରିଛନ୍ତି । ଆଜି ଗୁଜରାଟର ଏକତା ନଗରଠାରେ ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ସମାରୋହରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି ।

ଶ୍ରୀମତୀ ମୁର୍ମୁ କହିଛନ୍ତି, ଭାରତୀୟ ସିନେମା ନିଜର ବିବିଧତା ଏବଂ ସଶକ୍ତ ସାଂସ୍କୃତିକ ପରମ୍ପରାକୁ ବଜାୟ ରଖିବା ଦିଗରେ ସଫଳ ହୋଇଛି । ଭାରତର କୋଣ ଅନୁକୋଣରେ ନିର୍ମାଣ କରାଯାଉଥିବା ବିଭିନ୍ନ ଚଳଚ୍ଚିତ୍ରରେ ଦେଶରେ ବ୍ୟବହାର କରାଯାଉଥିବା ବିଭିନ୍ନ ଭାଷା, ପରମ୍ପରା ଏବଂ ସାମାଜିକ ବ୍ୟବସ୍ଥାର ପ୍ରତିଫଳନ ଦେଖିବାକୁ ମିଳିଥାଏ । ଚଳଚ୍ଚିତ୍ର କେବଳ ଜନସାଧାରଣଙ୍କର ଆମୋଦପ୍ରମୋଦ ପାଇଁ ନୁହେଁ ବରଂ ବିଭିନ୍ନ ଅଞ୍ଚଳରୁ ଜନସମ୍ପର୍କ ସୃଷ୍ଟି କରିବାରେ ଏକ ପ୍ରମୁଖ ଭୂମିକା ନିର୍ବାହ କରିଥାଏ ବୋଲି ରାଷ୍ଟ୍ରପତି କହିଛନ୍ତି ।

ଆଜିର ସମାରୋହରେ ରାଷ୍ଟ୍ରପତି ଜୀବନବ୍ୟାପି ସାଧନା ଲାଗି ୨୦୨୪ ମସିହା ପାଇଁ ସମ୍ମାନ ଜନକ ଦାଦାସାହେବ ଫାଲ୍‌କେ ପୁରସ୍କାରରେ ବିଶିଷ୍ଟ ଅଭିନେତା ଅନନ୍ତ ନାଗଙ୍କୁ ପୁରସ୍କୃତ କହିଛନ୍ତି – 

**V/O**

ଆର୍ଟିକିଲ୍ ୩୭୦କୁ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ପୁରସ୍କାର ମିଳିଥିବା ବେଳେ ୟାମି ଗୌତମ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ପୁରସ୍କୃତ ହୋଇଛନ୍ତି । ଏହାଛଡ଼ା ବ୍ରାମାୟୁଗମ୍ ଚଳଚ୍ଚିତ୍ର ପାଇଁ ମାମୁଟି ଏବଂ ଚନ୍ଦୁ ଚମ୍ପିୟାନ୍‌ର ଅଭିନେତା କାର୍ତ୍ତିକ ଆରିୟନ୍‌ଙ୍କୁ ଶ୍ରେଷ୍ଠ ଅଭିନେତା ପୁରସ୍କାର ମିଳିଛି । ସେହିଭଳି ମରାଠୀ ଚଳଚ୍ଚିତ୍ର ଭଙ୍ଗାରକୁ ଶ୍ରେଷ୍ଠ ନନ୍-ଫିଚର୍ ଫିଲ୍ମ ପୁରସ୍କାର ମିଳିଛି ।

ସମାରୋହରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଯୋଗଦେଇ ପୁରସ୍କାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସହ ପରଦା ପଛରେ କାର୍ଯ୍ୟରତ ସମସ୍ତ ଟିମ୍ ସଦସ୍ୟମାନଙ୍କୁ ସେମାନଙ୍କର ଅବଦାନ ଲାଗି ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି, ଭାରତର ଜି-୨୦ ଅଧ୍ୟକ୍ଷତା ଅଭିଜ୍ଞତାରୁ ପ୍ରେରଣା ପାଇ ସରକାର ଦେଶର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀଗୁଡ଼ିକରେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସମାରୋହ ଆୟୋଜନ କରିବାର ନିଷ୍ପତ୍ତି ନେଇଛନ୍ତି । ଜି-୨୦ ଅଧ୍ୟକ୍ଷତା ସମୟରେ ଦେଶ ବ୍ୟାପି ୬୦ରୁ ଉର୍ଦ୍ଧ୍ୱ ସହରରେ ପ୍ରାୟ ୨୦୦ଟି ବୈଠକ ଆୟୋଜନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର କର୍ତ୍ତୃପକ୍ଷ ନିଜ ନିଜ ଅଞ୍ଚଳରେ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳୀ ଚିହ୍ନଟ କରି ଭବିଷ୍ୟତରେ ଜାତୀୟ ଚଳଚ୍ଚିତ୍ର ପୁରସ୍କାରର ବିଭିନ୍ନ ସଂସ୍କରଣ ଆୟୋଜନ କରିବା ଲାଗି ପ୍ରସ୍ତାବ ଦେବାକୁ କେନ୍ଦ୍ର ମନ୍ତ୍ରୀ ଶ୍ରୀ ବୈଷ୍ଣବ ଆହ୍ୱାନ ଦେଇଛନ୍ତି ।

‘ଏକ ଭାରତ ଶ୍ରେଷ୍ଠ ଭାରତ’ ପ୍ରସଙ୍ଗ ଆଧାରରେ ଏହି ସମାରୋହ ଅନୁଷ୍ଠିତ ହୋଇଛି । ୧୯୫୪ ମସିହାଠାରୁ ଏହି ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇ ଆସୁଛି । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳର ନିଷ୍ପତ୍ତି ଅନୁଯାୟୀ ଚଳିତ ବର୍ଷ ପୁରସ୍କାର ସମାରୋହ ନୂଆଦିଲ୍ଲୀ ବାହାରେ ଅନୁଷ୍ଠିତ ହୋଇଛି ।

## ପିଏମ୍-ସିଆର୍ ପାଟିଲ୍ ଆର୍ଟିକିଲ୍

ଦେଶରେ ଜଳର ନିରନ୍ତର ସୁରକ୍ଷା ଲାଗି ଜନ ଭାଗିଦାରି ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁତ୍ୱାରୋପ କରିଛନ୍ତି । କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲଙ୍କର ଏ ସମ୍ପର୍କିତ ଏକ ଲେଖାକୁ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେୟାର୍ କରି ଶ୍ରୀ ମୋଦୀ ଜଳ ସୁରକ୍ଷା ମିଳିତ ପ୍ରଚେଷ୍ଟା ଉପରେ ଆଲୋକପାତ କରି ଏକ ସଶକ୍ତ ବ୍ୟବସ୍ଥା ତଥା ବୈଜ୍ଞାନିକ ପଦ୍ଧତି ଅନୁସରଣ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି । ସେ କହିଛନ୍ତି, କେନ୍ଦ୍ର ମନ୍ତ୍ରୀ ଶ୍ରୀ ପାଟିଲ୍ ନିଜ ଲେଖାରେ ଜଳଜୀବନ ମିଶନ୍, ନମାମି ଗଙ୍ଗେ, ଜଳ ସଂରକ୍ଷଣ ଏବଂ ଆଧୁନିକ ଜ୍ଞାନକୌଶଳ ଭିତ୍ତିକ ସମାଧାନ ମାଧ୍ୟମରେ ଜଳବାୟୁ ନିରୋଧି ଜଳପରିଚାଳନା ବ୍ୟବସ୍ଥା ପ୍ରତିଷ୍ଠା ଦିଗରେ ଭାରତର ନିରନ୍ତର ପ୍ରୟାସ ଉପରେ ଆଲୋକପାତ କରିଛନ୍ତି । ଏହି ଲେଖାଟି ଜଳସଂରକ୍ଷଣ କ୍ଷେତ୍ରରେ ଦେଶବାସୀଙ୍କର

ଅଂଶଗ୍ରହଣ ସହିତ ରାଜ୍ୟ ତଥା ଗୋଷ୍ଠୀମାନଙ୍କ ପକ୍ଷରୁ ନିଆଯାଉଥିବା ନିରନ୍ତର ପ୍ରଚେଷ୍ଟା ମାଧ୍ୟମରେ ଦେଶରେ ଆଗାମୀ ପିଢ଼ି ଲାଗି ଏକ ନିରନ୍ତର ବ୍ୟବସ୍ଥା ମାଧ୍ୟମରେ ଜଳ ସୁରକ୍ଷିତ ରଖାଯିବା ଲାଗି ନିଆଯାଉଥିବା ପ୍ରଚେଷ୍ଟା ଉପରେ ଅବଲୋକନ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

## ଭିପି - ୱାଟରୱିକ୍

ଜଳର ସଠିକ୍ ପରିଚାଳନା ଉପରେ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଗୁରୁତ୍ୱ ପ୍ରଦାନ କରିଛନ୍ତି । ନୂଆଦିଲ୍ଲୀରେ ଆଜି ନବମ ଭାରତ ଅନ୍ତର୍ଜାତୀୟ ଜଳସପ୍ତାହ ସମ୍ମିଳନୀ ୨୦୨୬କୁ ଉଦ୍‌ଘାଟନ କରିବା ଅବସରରେ ଶ୍ରୀ ରାଧାକୃଷ୍ଣନ ଜଳ ସଂରକ୍ଷଣ ଦିଗରେ ସହଯୋଗ ତଥା ସମନ୍ୱିତ ଆଭିମୁଖ୍ୟ ଗ୍ରହଣ ପାଇଁ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି, ଜଳ ହିଁ ଜୀବନ ଏବଂ ସଭ୍ୟତାର ଭିତ୍ତିଭୂମି ରୂପେ ପରିଗଣିତ ହୋଇଥାଏ । ନଦୀ ଅବବାହିକା ପରିଚାଳନା, ଭୂତଳ ଜଳ ପୁନଃ ସଂରକ୍ଷଣ, ବର୍ଷାଜଳ ଅମଳ, ଦକ୍ଷତାସମ୍ପନ୍ନ ଜଳସେଚନ ପରିଚାଳନା ଲକ୍ଷ୍ୟନେଇ ଏକ ସମନ୍ୱିତ ପଦ୍ଧତିରେ କାର୍ଯ୍ୟକରିବା ଆବଶ୍ୟକ ବୋଲି ସେ କହିଛନ୍ତି ।

ସମ୍ମିଳନୀରେ ଯୋଗଦେଇ ଜଳଶକ୍ତି ମନ୍ତ୍ରୀ ସି.ଆର୍.ପାଟିଲ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶରେ ଜଳ ପରିଚାଳନା କ୍ଷେତ୍ରରେ ସଂସ୍କାର ମୂଳକ ପଦକ୍ଷେପ ନିଆଯାଇଛି । ଜଳ

ସୁରକ୍ଷା ଏକ ମିଳିତ ଦାୟିତ୍ୱ ବା ଜନଭାଗିଦାରି ବୋଲି ଅଭିହିତ କରି ଆଗାମୀ ପିଢ଼ି ଲାଗି ଏହାର ସଂରକ୍ଷଣ ଦିଗରେ ନିଆଯାଇଥିବା ପଦକ୍ଷେପ ଉପରେ ଆଲୋକପାତ କରି ସେ କହିଛନ୍ତି,

**V/O**

# ସେବା ସଂକଳ୍ପ-ଜେମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନସେବାକୁ ୨୫ ବର୍ଷ ପୂରଣ ହୋଇଛି । ଜନସେବାରୁ ଦେଶସେବା ମନ୍ତ୍ର ଆଧାରିତ ଜୟଯାତ୍ରା ଏବଂ ଏ ପର୍ଯ୍ୟନ୍ତ ଜାରି ରହିଥିବା ନିରନ୍ତର ଅଙ୍ଗିକାରବଦ୍ଧତାକୁ ଏହା ପ୍ରକାଶ କରୁଛି । ସେବା ଏବଂ ସୁଶାସନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ଲାଗି ନିରନ୍ତର କାର୍ଯ୍ୟ କରିଆସୁଛନ୍ତି । ସମାବେଶୀ ବିକାଶ ଏବଂ ସାମାଜିକ ସଶକ୍ତୀକରଣ ଜରିଆରେ ଏହି ଉତ୍ସର୍ଗୀକୃତ ସିଦ୍ଧାନ୍ତ ଜୀବନ୍ତ ରୂପ ନେଇଛି । ସେବା ସଙ୍କଳ୍ପ ଅଭିଯାନର ଏହି ସ୍ୱତନ୍ତ୍ର ଧାରାବାହିକରେ ଆଜି ଆମେ ଆପଣଙ୍କୁ 'ଗଭମେଣ୍ଟ ଇ-ମାର୍କେଟ୍ ପ୍ଲେସ୍'-ଜେମ୍ ସମ୍ପର୍କରେ ତଥ୍ୟ ପ୍ରଦାନ କରୁଛୁ ।

ଦେଶବ୍ୟାପି ସରକାର ବା ରାଷ୍ଟ୍ରାୟତ ଉଦ୍ୟୋଗଗୁଡ଼ିକ ପକ୍ଷରୁ କରାଯାଉଥିବା କ୍ରୟ ବ୍ୟବସ୍ଥା ଲାଗି ୨୦୧୬ ମସିହା ଅଗଷ୍ଟରେ ଶୁଭାରମ୍ଭ ହୋଇଥିବା 'ଜେମ୍' ବର୍ତ୍ତମାନ ଏକ ପ୍ରମୁଖ ଡିଜିଟାଲ୍ ପ୍ଲାଟ୍‌ଫର୍ମରେ

ପରିଣତ ହୋଇଛି । ଉଭୟ କ୍ରେତା ଓ ବିକ୍ରେତାଙ୍କୁ ଅନ୍‌ଲାଇନ୍‌ରେ ଏକତ୍ରିତ କରିବା ଦିଗରେ ଏହି ପ୍ଲାଟ୍‌ଫର୍ମ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ୨୦୨୩ରେ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରି ସରଳ ଜୀବନଶୈଳୀ ସମ୍ପର୍କିତ ଏକ ବଜେଟ୍ ପରବର୍ତ୍ତୀ ୱେବିନାରରେ’ ସରକାରୀ କ୍ରୟ ବ୍ୟବସ୍ଥାରେ ଛୋଟ ଛୋଟ ବ୍ୟବସାୟୀ ଏବଂ ଉଠା ଦୋକାନୀମାନେ ଜେମ୍ ପୋର୍ଟାଲ୍ ମାଧ୍ୟମରେ କିଭଳି ସଶକ୍ତ ହୋଇପାରିଛନ୍ତି’ ସେ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଲୋକପାତ କରିଥିଲେ ।

ଜେମ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମିହିର କୁମାର ଏ ସମ୍ପର୍କରେ ଆକାଶବାଣୀର ସମ୍ବାଦ ପ୍ରଭାଗକୁ ସୂଚନା ଦେଇ କହିଛନ୍ତି, ୨୦୧୬-୧୭ ଆର୍ଥିକ ବର୍ଷରେ ଜେମ୍‌ର ବାଣିଜ୍ୟିକ ପରିମାଣ ୪୨୨ କୋଟି ଟଙ୍କା ଥିବା ବେଳେ ବର୍ତ୍ତମାନ ଏହା ୨୦ ଲକ୍ଷ କୋଟି ଅତିକ୍ରମ କରିଛି ।

## ପିଏମ୍-ରାଇନୋ ଡେ

ବିଶ୍ୱ ଗଣ୍ଡା ଦିବସ ଅବସରରେ ଦେଶରେ ସେମାନଙ୍କ ସୁରକ୍ଷା ଲାଗି ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଶଂସା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ମୋଟ୍ ଗଣ୍ଡା ସଂଖ୍ୟାର ୮୦ ପ୍ରତିଶତ କେବଳ ଆସାମରେ ଅବସ୍ଥାନ କରୁଛନ୍ତି । ଏ କ୍ଷେତ୍ରରେ କାଜିରଙ୍ଗା ପକ୍ଷରୁ ନିଆଯାଉଥିବା

ପଦକ୍ଷେପକୁ ମଧ୍ୟ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି । ସେହିଭଳି ବିହାର ଓ ପଶ୍ଚିମବଙ୍ଗର କେତେକ ଅଞ୍ଚଳରେ ଗଣ୍ଡାମାନେ ସୁରକ୍ଷିତ ଅଛନ୍ତି । ଏତଦ୍ ବ୍ୟତୀତ ଉତ୍ତରପ୍ରଦେଶର ଦୁଧଓ୍ୱାଠାରେ ଗଣ୍ଡାମାନଙ୍କୁ ଯେଭଳି ସଫଳତାର ସହ ଲାଳନପାଳନ କରାଯାଉଛି’ ଏହା ଇତିହାସ ସୃଷ୍ଟି କରିଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ଦେଶ ବ୍ୟାପି ପଶୁ ସୁରକ୍ଷା ଏବଂ ବନ୍ୟ ଜନ୍ତୁ ପରିଚାଳନା କ୍ଷେତ୍ରରେ ଦେଶବାସୀଙ୍କର ନିରନ୍ତର ପ୍ରତିବଦ୍ଧତା ଏହାଦ୍ୱାରା ପ୍ରତିଫଳିତ ହେଉଛି ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

## ଏସୀୟ କ୍ରୀଡ଼ା

ଏସୀୟ କ୍ରୀଡ଼ା ପ୍ରତିଯୋଗିତାର ମହିଳା ଟି-୨୦ କ୍ରିକେଟ୍ ବର୍ଗରେ ଭାରତ ଟାଇଟଲ ହାସଲ କରିଛି । ଫାଇନାଲ୍‌ରେ  ଭାରତ’ ଶ୍ରୀଲଙ୍କାକୁ ୧୪୭ରନ୍‌ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏଥିଲାଗି ମହିଳା କ୍ରିକେଟ୍ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ  ପ୍ରଧାନମନ୍ତ୍ରୀ ଏସୀୟ କ୍ରୀଡ଼ା ପ୍ରତିଯୋଗିତାର ଚଳିତ ସଂସ୍କରଣରେ ମହିଳା କ୍ରିକେଟ୍ ଦଳ ଭାରତକୁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତାଇବାରେ ସଫଳ ହୋଇଛି ବୋଲି କହିଛନ୍ତି । ଦଳଗତ ଦକ୍ଷତା, ଆତ୍ମବିଶ୍ୱାସ ଏବଂ ସାମୂହିକ ପ୍ରୟାସ

ମାଧ୍ୟମରେ ହାସଲ ହୋଇଥିବା ଏହି ବିଜୟ ସମଗ୍ର ଦେଶକୁ ଗର୍ବିତ କରିଛି ବୋଲି ପ୍ରଧାନମନ୍ତ୍ରୀ ।

# ମେନ୍ କ୍ରିକେଟ୍

ଜାପାନ୍ ବିପକ୍ଷରେ ଭାରତୀୟ କ୍ରିକେଟ୍ ଦଳ ଏକମାତ୍ର ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ୨ରନ୍‌ରେ ବିଜୟୀ ହୋଇଛି । ଜାପାନର ସାନୋ ଆନ୍ତର୍ଜାତିକ କ୍ରିକେଟ୍ ପଡ଼ିଆରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଭାରତ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ତେବେ ବର୍ଷା ଯୋଗୁଁ ପ୍ରାୟ ଅଢ଼େଇ ଘଣ୍ଟା ବିଳମ୍ବରେ ଖେଳ ଆରମ୍ଭ ହେବାରୁ ଏହି ମ୍ୟାଚ୍‌କୁ ୫ ଓଭରକୁ ହ୍ରାସ କରାଯାଇଥିଲା । ଭାରତ ୫ ଓଭରରେ ୪ ଉଇକେଟ୍ ହରାଇ ୩୨ରନ୍ ସଂଗ୍ରହ କରିଥିଲା । ୩୩ରନ୍‌ର ବିଜୟ ଲକ୍ଷ୍ୟ ପିଛା କରି ଜାପାନ୍ ନିର୍ଦ୍ଧାରିତ ୫ ଓଭରରେ ୩ ଉଇକେଟ୍ ହରାଇ ୩୦ରନ୍ କରିପାରିଥିଲା । ଏହି ବିଜୟ ସହିତ ଭାରତ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ ମ୍ୟାଚ୍‌ରେ ୨୦୦ତମ ବିଜୟ ହାସଲ କରିଛି ।